# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 06th April - 2026
************************************

***Desk***

## ଆମ ସାଥୀ ଚାଟ୍‌ବଟ୍

‘ଆମ ସାଥୀ ଚାଟ୍‌ବଟ୍’ର ଉପଯୋଗିତା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗତକାଲି ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ହ୍ୱାଟ୍‌ସ୍‌ଆପ୍‌ର ଉପଯୋଗ ନେଇ ବିସ୍ତୃତ ଆଲୋଚନା ହୋଇଛି । ଜନସାଧାରଣ ଏହା ମାଧ୍ୟମରେ ପ୍ରଶାସନ ନିକଟରେ ନିଜର ସମସ୍ୟା ତଥା ଅଭିଯୋଗ ସମ୍ପର୍କରେ ତଥ୍ୟ ପ୍ରଦାନ କରିପାରିବେ । ସମ୍ପୃକ୍ତ ଅଧିକାରୀ ଅଭିଯୋଗ ଆଧାରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ । ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

***Desk***

## ଏଲ୍.ପି.ଜି. - ୫ କେ.ଜି.

ରାଜ୍ୟରେ ଖୋଲାବଜାରରେ ୫ କିଲୋଗ୍ରାମ୍ ବିଶିଷ୍ଟ ଏଲ୍.ପି.ଜି. ସିଲିଣ୍ଡର ମିଳିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ

କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ରନ୍ଧନ ଗ୍ୟାସ୍ କଳାବଜାରୀକୁ ରୋକିବାପାଇଁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଗ୍ୟାସ୍ ଏଜେନ୍ସି ଏବଂ ଲାଇସେନ୍ସ ପାଇଥିବା ଦୋକାନୀମାନେ ୫ କିଲୋଗ୍ରାମ୍ ଗ୍ୟାସ୍ ବିକ୍ରି କରିପାରିବେ । ଅନ୍ୟପକ୍ଷରେ ରିହାତି ପାଇବାପାଇଁ ଗ୍ୟାସ୍ ଉପଭୋକ୍ତାଙ୍କୁ ଇ-କେ.ୱାଇ.ସି. କରିବାପାଇଁ ବାଧ୍ୟତାମୂଳକ କରାଯାଇଛି ।

***Desk***

# ଜନଜାତି ମହୋତ୍ସବ

ନୂଆଦିଲ୍ଲୀରେ ଚାଲିଥିବା ଭାରତ ଜନଜାତି ମହୋତ୍ସବ-୨୦୨୬ ଗତକାଲି ଶେଷ ହୋଇଛି । ୧୯ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବ ଜନଜାତି ସଂସ୍କୃତି, କାରିଗରି ଏବଂ ଉଦ୍ୟୋଗୀଙ୍କପାଇଁ ଏକ ମଞ୍ଚ ପ୍ରଦାନ କରିଛି । ୧ ଲକ୍ଷ ୫୦ ହଜାରରୁ ଅଧିକ ଅଂଶଗ୍ରହଣକାରୀ ଏଥିରେ ଯୋଗଦେଇ ଜନଜାତି ସାମଗ୍ରୀ ଏବଂ ସଶକ୍ତୀକରଣ ଦିଗରେ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳନ କରିଛନ୍ତି । ୨ ଶହରୁ ଅଧିକ ପ୍ରଦର୍ଶନୀ ମଣ୍ଡପରେ ଜନଜାତି ହସ୍ତଶିଳ୍ପ, ହସ୍ତତନ୍ତ ଓ ପ୍ରାକୃତିକ ଉତ୍ପାଦର ବହୁବିଧ ସାମଗ୍ରୀ ପ୍ରଦର୍ଶନ ସହିତ ବିକ୍ରି ହୋଇଥିଲା ।

*Desk*

## ପଇତାଲାଗି ନୀତି

ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଦଇତାପତି ଓ ଅନ୍ୟ ସେବକମାନଙ୍କ ଦ୍ୱାରା ଗୁପ୍ତନୀତି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହେବ। ଏହି ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

*Nuapada/R*

## ହାତୀ - ଗତିବିଧି ସମୀକ୍ଷା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ଅଞ୍ଚଳରେ ବିଚରଣ କରୁଥିବା ହାତୀ ଉପରେ ବନ ଓ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନଜର ରଖାଯାଇଛି । ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ୍ ଖାଁ କହିଛନ୍ତି, ଡ୍ରୋନ୍ ମାଧ୍ୟମରେ ହାତୀମାନଙ୍କର ଗତିବିଧି ଉପରେ ସମୀକ୍ଷା କରାଯାଉଛି । ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ଆବଶ୍ୟକସ୍ଥଳେ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି ।

*Nayagarh/R*

# ରାବଣ ପୋଡ଼ି

ନୟାଗଡ଼ ଜିଲ୍ଲା ଓଡ଼ଗାଁସ୍ଥିତ ପ୍ରଭୁ ଶ୍ରୀରଘୁନାଥଜିଉଙ୍କ ଶ୍ରୀରାମ ନବମୀ ଯାତ୍ରାର ନବମ ସନ୍ଧ୍ୟାରେ ଗତକାଲି ଯୁଦ୍ଧଯାତ୍ରା ବେଶ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଓଡ଼ଗାଁ ମହୋତ୍ସବ ପଡ଼ିଆରେ ୨୫ତମ ରାବଣ ପୋଡ଼ି ସମାରୋହ ଅନୁଷ୍ଠିତ ହୋଇଛି ।

*Nuapada/R*

# ମାରାଗୁଡ଼ା ମହୋତ୍ସବ

ନୂଆପଡ଼ା ଜିଲ୍ଲାସ୍ତରୀୟ ମାରାଗୁଡ଼ା ମହୋତ୍ସବ-୨୦୨୬ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ବିଧାୟକ ଅଧୀରାଜ ପାଣିଗ୍ରାହୀ ଯୋଗଦେଇ ମାରାଗୁଡ଼ା ସଭ୍ୟତାର ସଂସ୍କୃତି ଓ ଅନନ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

*Ganjam/R*

# ସାଂସ୍କୃତିକ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ତାମ୍ପରା ତରଙ୍ଗିଣୀ ସାଂସ୍କୃତିକ କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ କଳାକାର କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରୁଛନ୍ତି । ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ଆନ୍ତର୍ଜାତିକ କ୍ରୀଡ଼ା ଦିବସ

ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ଅଧିକରୁ ଅଧିକ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦେବାର ଆବଶ୍ୟକତା ଉପଲବ୍ଧି କରି ଆଜି ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି । ୧୮୯୬ ମସିହା ଆଜିର ଦିନରେ ଗ୍ରୀକ୍‌ର ଏଥେନ୍ସଠାରେ ପ୍ରଥମ ଆଧୁନିକ ଅଲିମ୍ପିକ୍ସ କ୍ରୀଡ଼ା ଆରମ୍ଭ ହୋଇଥିଲା । ଏହି ସ୍ମରଣୀୟ ଦିନକୁ ମନେ ପକାଇବା ଲାଗି ପ୍ରତିବର୍ଷ ବିକାଶ ଓ ଶାନ୍ତି ପାଇଁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ କରିବାପାଇଁ ୨୦୧୩ ମସିହାରେ ମିଳିତ ଜାତିସଂଘ ନିଷ୍ପତ୍ତି ନେଇଥିଲା । ସାମାଜିକ ପରିବର୍ତ୍ତନ ପାଇଁ କ୍ରୀଡ଼ାକୁ ଏକ ଉପକରଣ ଭାବେ ବ୍ୟବହାର କରିବା ନେଇ ମିଳିତ ଜାତିସଂଘ ଏବଂ ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ଦୀର୍ଘଦିନରୁ ପ୍ରୟାସ

ଜାରି ରଖିଛନ୍ତି । ଏହି ଦିବସ ପାଳନ ବିଶ୍ୱର ବିଭିନ୍ନ ସମ୍ପ୍ରଦାୟ ଓ ଲୋକମାନଙ୍କ ଜୀବନରେ ଖେଳ ଓ ଶାରୀରିକ କସରତ ସାକାରାତ୍ମକ ଭୂମିକାକୁ ଚିହ୍ନଟ କରିବାର ଏକ ସୁଯୋଗ ପ୍ରଦାନ କରିବ ବୋଲି ମିଳିତ ଜାତିସଂଘ ପକ୍ଷରୁ କୁହାଯାଇଛି ।

***Desk***

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, କାଳବୈଶାଖୀର ପ୍ରଭାବରେ ଅସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବଜ୍ରପାତ ସହିତ ଝଡ଼ବର୍ଷାର ସମ୍ଭବନା ରହିଛି । ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବ । ଓଡ଼ିଶାର ଉତ୍ତର ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ଆଜି କାଳବୈଶାଖୀ ପ୍ରଭାବ ଅଧିକ ହେବା ପାଣିପାଗ ବିଭାଗ ଅନୁମାନ କରିଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ଏହିସବୁ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାପାଇଁ କୁହାଯାଇଛି ।

*****